## ସଂକ୍ଷେପରେ

### କାଳୁଆ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ



**ବ୍ରହ୍ମପୁର ଅଫିସ,୧୪।୯:** ଗୋଷାଣୀନୂଆଗାଁ କାଳୁଆଯାତ୍ରା ପାଇଁ ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ପୂର୍ବାହ୍ନରେ ଗୋଷାଣୀନୂଆଗାଁ ବଡସାହିସ୍ଥିତ ଅସ୍ଥାୟୀ ମଣ୍ଡପରୁ ଏକ ବିରାଟ ପଟୁଆର ବାହାରି ମା' କାଳୁଆଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ମା'ଙ୍କ ଆଜ୍ଞାମାଳ ଅଣାଯାଇ ଅସ୍ଥାୟୀ ମଣ୍ଡପଠାରେ ଯାତ୍ରା ଲାଗି ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯାତ୍ରା ପରିଚାଳନା କମିଟିର ସଭାପତି ଜଗନ୍ନାଥ ଚୌଧୁରୀ, ସମ୍ପାଦକ ସନ୍ତୋଷ ସାହୁ, ପୂର୍ବତନ ସଭାପତି ପଞ୍ଚାନନ ଚୌଧୁରୀ, କର୍ପୋରେଟର ନମିତାରାଣୀ ପଣ୍ଡାଙ୍କ ସମେତ ଲିଟୁ ପଣ୍ଡା, ସୁଶାନ୍ତ ପାତ୍ର, ଶିଶିର ପଣ୍ଡା, ଜଗନ୍ନାଥ ରାଉତ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

### ଟ୍ରକ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଚିକିଟି,୧୪।୯(ଡି.ଏନ.ଏ.):** କେ. ନୂଆଗାଁ ଥାନା ଚିକିଟିପେଣ୍ଠ ସ୍ଥିତ ବଡସାହି ନିକଟରେ ଶୁକ୍ରବାର ଟ୍ରକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ସେ ହେଲେ କରବାଲୁଆ ଗ୍ରାମର ହାଡୁ ସାହୁ । ହାଡୁ ଗୁରୁବାର ସକାଳେ ସାଇକେଲ୍ ଯୋଗେ ଚିକିଟି ଡାକ୍ତରଖାନାକୁ ଯାଇ ଘରକୁ ଫେରୁଥିବା ବେଳେ ପଛପଟୁ ଆସୁଥିବା ଆଳୁ ବୋଝେଇ ଟ୍ରକ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ଆହତ ଅବସ୍ଥାରେ ହାଡୁଙ୍କୁ ଉଦ୍ଧାର କରି ଚିକିଟି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଚିକିଟି ଫାଣ୍ଡି ଅଧିକାରୀ ରାମକୃଷ୍ଣ ଦାସ ମୃତ ଦେହକୁ ଜବତ କରି ଅପରାହ୍ନରେ ବ୍ୟବଚ୍ଛେଦ ପାଇଁ ବଡ ମେଡିକାଲକୁ ପଠାଇବା ସହ ଉକ୍ତ ଘଟଣାର ସନ୍ଧାନ ଜାରି ରହିଥିବା କହିଛନ୍ତି।

### ଅଭିନେତ୍ରୀ ସୁନ୍ଦରମଣି ଦେବୀଙ୍କ ସ୍ମୃତିଚାରଣ

**ବ୍ରହ୍ମପୁର ଅଫିସ,୧୪।୯:** ଅଭିନେତ୍ରୀ ସୁନ୍ଦରମଣି ଦେବୀଙ୍କ ବିୟୋଗରେ ଗଞ୍ଜାମ ଜିଲା ଅଭିନେତ୍ରୀ ସଂସ୍ଥା ପକ୍ଷରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି ।
ଗଞ୍ଜାମ କଳା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ବରିଷ୍ଠ ଅଭିନେତ୍ରୀ ଜୟନ୍ତୀ ମିଶ୍ର ଅଧକ୍ଷତା କରିଥିଲେ। ଅଭିନେତ୍ରୀ ଆରତୀ ଦେବୀ ଯୋଗଦେଇ ସୁନ୍ଦରମଣୀଙ୍କ ସ୍ମୃତିଚାରଣ କରିଥିଲେ। ସୁନ୍ଦରମଣୀ ଦେବୀଙ୍କ ବିୟୋଗ ଅଭିନୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଭିନେତ୍ରୀ ବାସନ୍ତୀ ମହାପାତ୍ର, କୁନି ପଣ୍ଡା, ଛବିରାଣୀ ମହାନ୍ତି, ଉଷାରାଣୀ ଦେବୀ, ମଦନ ମିଶ୍ର, ସୁବୋଧ ପଟ୍ଟନାୟକ, ଓଡିଶା ନାଟକ ସଂଘ ଉପସଭାପତି ଅନୀଲ କୁମାର ପାତ୍ର, ସୁବାସ ଚନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ନାୟକ, ମିହିର ତ୍ରିପାଠୀ, କୈଳାଶ ପାଣିଗ୍ରାହୀ, ରାଜୁ ପାଢ଼ୀ, ନଳିନୀ ଲୋଚନ ପାଣିଗ୍ରାହୀ, ତ୍ରିପତି ନାୟକ, ଶଙ୍କର୍ଷଣ ସାବତ, ପ୍ରତାପ ଚନ୍ଦ୍ର ମହାପାତ୍ର, ମନୋଜ ଦଣ୍ଡପାଟ, ଅମୂଲ୍ୟ ରଞ୍ଜନ ସାହୁ, ମିତା ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

■ ମତ୍ସ୍ୟଜୀବୀ ଶୂନ୍ୟ ହେଉଛି ଗୋପାଳପୁର

# ଉଦ୍‌ଘାଟନ ପରେ ମତ୍ସ୍ୟ ଅବତରଣ କେନ୍ଦ୍ରରେ ତାଲା

**ଦୀପକ କୁମାର ପଣ୍ଡା**
**ବ୍ରହ୍ମପୁର ଅଫିସ,୧୪।୯**

ଗଞ୍ଜାମ ଜିଲାର ଗୋପାଳପୁର ବେଳାଭୂମି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ। ଏହାବ୍ୟତୀତ ମତ୍ସ୍ୟଜୀବୀ ବହୁଳ ଅଞ୍ଚଳ ଭାବେ ମଧ୍ୟ ଏହା ପରିଚିତ । ଏହି ଅଞ୍ଚଳ ଧୀରେ ଧୀରେ ମତ୍ସ୍ୟଜୀବୀଶୂନ୍ୟ ହେବାକୁ ବସିଛି । ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଉଥିଲେ ମଧ୍ୟ ବିଭିନ୍ନ କାରଣରୁ ହଜାର ହଜାର ମତ୍ସ୍ୟଜୀବୀ ନିଜ ବୃତ୍ତି ଛାଡିବାକୁ ବାଧ୍ୟ ହେଉଛନ୍ତି। ଜୀବିକା ଅର୍ଜନ ପାଇଁ ସେମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି।

ଗୋପାଳପୁର ବେଳାଭୂମି ଉପରେ ପ୍ରାୟ ୨୦ ମତ୍ସ୍ୟଜୀବୀ ଗାଁର ୧୦ ହଜାରରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରନ୍ତି । ସମୁଦ୍ରର ୧୦ କିଲୋମିଟର ଅଞ୍ଚଳ ମଧ୍ୟରେ ଏମାନେ ମାଛଧରି ଜୀବିକା ନିର୍ବାହ କରନ୍ତି । କିନ୍ତୁ ମାଛ ଧରିବା ପାଇଁ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କ ପାଇଁ ଉପଯୁକ୍ତ ପଥ ନ ଥିବାରୁ ଜୀବିକା କଷ୍ଟସାଧ୍ୟ ହୋଇପଡୁଛି । ବର୍ଷର ଅଧାଦିନ ପ୍ରକୃତିର ପରିବର୍ତ୍ତନ ଯୋଗୁଁ ସମୁଦ୍ର ଅଶାନ୍ତ ରହୁଛି । ସେ ସମୟରେ ସରକାରଙ୍କ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଉଛି । ଅନ୍ୟପଟରେ ସମୁଦ୍ର ପ୍ରବେଶ କରିବାକୁ ଗୋପାଳପୁର ବେଳାଭୂମି ନିକଟରେ ରହିଥିବା ମାର୍କଣ୍ଡି ଓ ହରିପୁର ମୁହାଣ ଦେଇ ଡଙ୍ଗା ଯାତାୟାତ କରିବାକୁ ଜେଟି ନାହିଁ। ବାରମ୍ବାର ଦାବି ସତ୍ତ୍ୱେ ସରକାର ଏଥିପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି । ଫଳରେ କେବଳ ବର୍ଷାଦିନେ ତଥା ବର୍ଷର ମାତ୍ର ୪ ମାସ ସମୁଦ୍ରରେ ଜୁଆର ଆସିବା ସମୟରେ ମୁହାଣ ଦେଇ ସମୁଦ୍ର ମଧ୍ୟକୁ ଯାଇ ମାଛ ଧରିବା ସମ୍ଭବ ହୋଇପାରୁଛି । ଅନ୍ୟଦିନେ ପରିବାର ଭରଣପୋଷଣ କରିବା ମତ୍ସ୍ୟଜୀବୀଙ୍କ ପାଇଁ ସମ୍ଭବ ହେଉନାହିଁ । ଏଥିଯୋଗୁ ପରିବାରର ୧୮ ବର୍ଷରୁ ୪୫ ବର୍ଷ ପର୍ଯ୍ୟନ୍ତ ବୟସର ଯୁବକ ନିଜ ବୃତ୍ତିଛାଡି କେରଳ, ଗୋଆ, ମୁମ୍ବାଇ, କର୍ଣ୍ଣାଟକ, କନ୍ୟାକୁମାରୀ, ତାମିଲନାଡୁକୁ ଦାଦନ ଖଟିବାକୁ ଯାଉଛନ୍ତି।

ହାତିପାଦ ପଞ୍ଚାୟତ ନାଏବ ସରପଞ୍ଚ କେ.ମାଧେୟାଙ୍କ କହିବାନୁଯାୟୀ, ମତ୍ସ୍ୟଜୀବୀଙ୍କ ସୁବିଧା ତଥା ମାଛକୁ ସାଇତି ରଖିବା ପାଇଁ ୨୦୧୪ ଜାନୁୟାରୀ ୧ରେ ଗୋପାଳପୁରଠାରେ ଏକ ମତ୍ସ୍ୟଅବତରଣ କେନ୍ଦ୍ର ଉଦଘାଟିତ ହୋଇଥିଲା । ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିମୟରେ ନିର୍ମିତ ଏହି କେନ୍ଦ୍ରରେ ମତ୍ସ୍ୟଜୀବୀଙ୍କ ଜାଲ ବୁଣିବା, ଜାଲ ରଖିବା, ମାଛ ରଖିବା ପାଇଁ ସ୍ଥାନ, ଶୌଚାଳୟ, ପିଇବା ପାଣି ବ୍ୟବସ୍ଥା ହୋଇଥିଲା । ସେହିପରି ମାର୍କଣ୍ଡିଠାରେ ମଧ୍ୟ ଏକ ମତ୍ସ୍ୟ ଅବତରଣ କେନ୍ଦ୍ର ନିର୍ମାଣ କରାଯାଇଛି । ହେଲେ ଏହି ଦୁଇ କେନ୍ଦ୍ର ଉଦଘାଟନ ପରଠାରୁ ତାଲା ଝୁଲୁଛି । ଅନ୍ୟପକ୍ଷରେ ସମୁଦ୍ର ମଧ୍ୟକୁ ପ୍ରବେଶ କରିବା ପାଇଁ ହରିପୁର ଓ ମାର୍କଣ୍ଡି ମୁହାଣ ଉପଯୁକ୍ତ ହୋଇଥିବା ବେଳେ ଏହି ମୁହାଣ ପୋତି ହୋଇଯାଉଛି। ତେଣୁ କେବଳ ଉଚ୍ଚଜୁଆର ସମୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ଯିବା ସମ୍ଭବ ହେଉଛି। ମୁହାଣ ଖୋଲାଯାଇ ଏକ ଜେଟି ନିର୍ମାଣ କରାଯିବାକୁ ବହୁବାର ଦାବି କରାଯାଇଥିଲେ ମଧ୍ୟ ଏଥିପ୍ରତି ସରକାର କର୍ଣ୍ଣପାତ କରୁ ନାହାଁନ୍ତି । ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଗୋପାଳପୁର ସମ୍ପୂର୍ଣ୍ଣରୂପେ ମତ୍ସ୍ୟଜୀବୀ ଶୂନ୍ୟ ହୋଇଯିବ ।

ଏ ନେଇ ଅତିରିକ୍ତ ମତ୍ସ୍ୟଅଧିକାରୀ (ସାମୁଦ୍ରିକ) ଜଳନ୍ଧର ଖଟୁଆ କହିଛନ୍ତି, ଗୋପାଳପୁରର ହରିପୁର ଓ ମାର୍କଣ୍ଡି ମୁହାଣ ଖୋଲି ଜେଟି ତଥା ଗଭୀର କେନାଲ ଖୋଳାଯିବା ଏବଂ ନିର୍ମାଣ ହୋଇଥିବା ମତ୍ସ୍ୟ ଅବତରଣ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ବହୁବାର ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି । ମାତ୍ର ସରକାରଙ୍କଠାରୁ ଏ ନେଇ କୌଣସି ନିର୍ଦ୍ଦେଶ ଆସି ନାହିଁ । ନିର୍ଦ୍ଦେଶ ଆସିବା ପରେ ଏ ଦିଗରେ ପଦକ୍ଷେପ ନିଆଯିବ ।



ଗୋପାଳପୁର ମତ୍ସ୍ୟଅବତରଣ କେନ୍ଦ୍ରରେ ତାଲା ଝୁଲୁଛି ।

■ ଦାବି ଶୁଣାଯାଉନି, ଜେଟି ନିର୍ମାଣକୁ ଅବହେଳା

■ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି ମତ୍ସ୍ୟଜୀବୀ

## ଆଶାକର୍ମୀଙ୍କ ବିକ୍ଷୋଭ

**ଗଞ୍ଜାମ,୧୪।୯(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ଅଧୀନରେ ଥିବା ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗଞ୍ଜାମ, ରମ୍ଭା ଏବଂ ହୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାକର୍ମୀଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଆଶାକର୍ମୀମାନେ ଖଣ୍ଡଦେଉଳି ଡାକ୍ତରଖାନା ଆଗରେ ଧାରଣା ଦେବା ସହ ଏକ ସ୍ମାରକପତ୍ର ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଦେଇଛନ୍ତି। ମାସିକ ପ୍ରୋତ୍ସାହନ ରାଶି ପ୍ରଦାନରେ ବିଳମ୍ବ, ଜନନୀ ସୁରକ୍ଷା ରାଶି ପ୍ରଦାନ, ଭବିଷ୍ୟତ ପାଣ୍ଠି ବ୍ୟବସ୍ଥା, ଆଶା ଗୃହ ନିର୍ମାଣ, ମାସିକ ପ୍ରୋତ୍ସାହନ ରାଶି ୧୦ ହଜାର ଟଙ୍କାକୁ ବୃଦ୍ଧି ଆଦି ଦାବି ଉଲ୍ଲେଖ ରହିଛି। ଦାବିଗୁଡ଼ିକ ଶୀଘ୍ର ପୂରଣ ନ ହେଲେ ଆଶାକର୍ମୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବ୍ଲକ ଆଶାକର୍ମୀ ସଂଘ ପକ୍ଷରୁ କୁହାଯାଇଛି। ଧାରଣାରେ କୁମୁଦିନୀ ପ୍ରଧାନ, ଲକ୍ଷ୍ମୀ ସେଠୀ, ବିଜୁଳିବତି ପ୍ରଧାନ, ରୀତା ଜେନାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଆଶାକର୍ମୀ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଆକ୍ରମଣ ଅଭିଯୋଗ, ଜଣେ ଗିରଫ

**ହିଞ୍ଜିଳିକାଟୁ,୧୪।୯(ଡ଼ି.ଏନ୍.ଏ.):** ହିଞ୍ଜିଳି ଥାନା ଗଣ୍ଡଳା ଗ୍ରାମର ଜଣେ ମହିଳାଙ୍କୁ ଆକ୍ରମଣ ଓ ହତ୍ୟା ଉଦ୍ୟମ ଅଭିଯୋଗରେ ଶୁକ୍ରବାର ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ନିରାକାର ମହାନ୍ତି । ପୂର୍ବ ଶତ୍ରୁତାକୁ ନେଇ ଗୁରୁବାର ରାତି ପ୍ରାୟ ୮ଟାରେ ନିରାକାର ପଡ଼ୋଶୀ କବିତା ମହାନ୍ତିଙ୍କ ସହ ଯୁକ୍ତିତର୍କ କରିଥିଲେ। ସେ ସେ ଆକ୍ରମଣ କରିବା ସହ କିରୋସିନି ଢାଳି ହତ୍ୟା ଉଦ୍ୟମ କରିଥିବା କବିତା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୨୩୭/୧୮ରେ ମାମଲା ରୁଜୁ ହୋଇଥିବା ଥାନା ଏସଆଇ ଭାଗ୍ୟଶ୍ରୀ ସ୍ୱାଇଁ କହିଛନ୍ତି।

ନୀଳକଣ୍ଠନଗର ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ

## କେରଳ ବନ୍ୟାପ୍ରପୀଡିତଙ୍କୁ ସହାୟତା ରାଶି ପ୍ରଦାନ



ନୀଳକଣ୍ଠନଗର ଶିଶୁବିଦ୍ୟାମନ୍ଦିର ପକ୍ଷରୁ ବିଦ୍ୟାଭାରତୀ କର୍ମକର୍ତ୍ତାଙ୍କୁ କେରଳ ବନ୍ୟା ପ୍ରପୀଡିତଙ୍କ ପାଇଁ ସହାୟତା ରାଶି ଦିଆଯାଉଛି ।

**ବ୍ରହ୍ମପୁର ଅଫିସ,୧୪।୯**

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଶୁକ୍ରବାର କେରଳ ବନ୍ୟା ପ୍ରପୀଡିତଙ୍କ ନିମନ୍ତେ ସହାୟତା ପ୍ରଦାନ କରାଯାଇଛି । ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ସଂଗୃହୀତ ୧,୫୨,୪୮୭ ଟଙ୍କା ସହାୟତା ରାଶି ପ୍ରେରଣ କରାଯାଇଛି। ବ୍ରହ୍ମପୁର ସଙ୍କୁଳ ସଂଯୋଜକ ନାରାୟଣ ପଣ୍ଡା ଓ ସଙ୍କୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ପାତ୍ରଙ୍କ ମାଧ୍ୟମରେ ଏହି ସହାୟତା ରାଶି ପଠାଯାଇଛି । ଏହି ସମୟରେ ସରୋଜ କୁମାର ପଣ୍ଡା, ଅଂଶୁମାନ ପରିଡା, ଶାଶ୍ୱତ ତ୍ରିପାଠୀ, ରୀତାରାଣୀ ପଣ୍ଡା, ମନପ୍ରଭା କୁଟୁରୁକା, ଗୌତମ ରଣା, ଚିନ୍ମୟ ଚିରଞ୍ଜିବୀ ନାୟକ, ବିଦ୍ୟାମନ୍ଦିର ବିଭାଗର ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ରଥ, ଯୁକ୍ତ ୨ ବିଜ୍ଞାନ ବିଭାଗର ଅଧ୍ୟାପକ ସ୍ୱରାଜ୍ୟ ମାଝି, ଯୁକ୍ତ ୩ ଇଂଲିଶ ବିଭାଗର ଅଧ୍ୟାପକ ଚିତ୍ତରଞ୍ଜନ ପଣ୍ଡା, ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାମାଧବ ମହାନ୍ତି, ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ ଉପସ୍ଥିତ ଥିଲେ । ଏଥିପାଇଁ ବିଦ୍ୟାଭାରତୀ କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ କୁମାର ପାତ୍ର ଶିଶୁ ମନ୍ଦିରର ସମସ୍ତ କର୍ମକର୍ତ୍ତା, ଶିଶୁ ଓ ଅଭିଭାବକମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ଅଗ୍ନିଶମ ଏକାଦଶ ବିଜୟୀ

**ବ୍ରହ୍ମପୁର ଅଫିସ୍,୧୪।୯:** ବ୍ରହ୍ମପୁର ଷ୍ଟାଡିୟମ୍‌ଠାରେ ଶୁକ୍ରବାର ସକାଳେ ବ୍ରହ୍ମପୁର ଗଣମାଧ୍ୟମ ଏକାଦଶ ଏବଂ ଅଗ୍ନିଶମ ଏକାଦଶ ମଧ୍ୟରେ କ୍ରିକେଟ ମ୍ୟାଚ୍ ହୋଇଥିଲା । ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ଗଣମାଧ୍ୟମ ଏକାଦଶ ସମସ୍ତ ଉଇକେଟ୍ ହରାଇ ୨୮ରନ୍ କରିଥିଲା । ଜବାବରେ ଅଗ୍ନିଶମ ଏକାଦଶ ମାତ୍ର ୫ଓଭର୍‌ରେ କୌଣସି ଉଇକେଟ୍ ନ ହରାଇ ଆବଶ୍ୟକ ୨୯ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । କର୍ପୋରେଟର୍ ଆର୍.ମୁରଲୀ ମୋହନ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳର ଅଧିନାୟକ ତଥା ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ରଙ୍କୁ ସିଲ୍ଡ ପ୍ରଦାନ କରିଥିଲେ।

## ସିଦ୍ଧ ବିନାୟକଙ୍କୁ ଭୋଗ ଲାଗିଲା ୩୦ କିଲୋର ଲଡୁ

**ବ୍ରହ୍ମପୁର ଅଫିସ,୧୪।୯:** ହିଲପାଟଣାସ୍ଥ ସିଦ୍ଧ ବିନାୟକ ପୀଠରେ ବିଘ୍ନନାଶକ ଗଜାନନଙ୍କୁ ଭୋଗ ଲାଗିଥିଲା ୩୦ କିଲୋ ଓଜନର ଏକ ଲଡୁ । ସୂଚନାଯୋଗ୍ୟ ଭଗବାନ ଗଣେଶଙ୍କର ଲଡୁ ଅତି ପ୍ରିୟ ହୋଇଥିବାରୁ ତାଙ୍କ ଜନ୍ମ ଦିବସ ଭାଦ୍ରବ ଶୁକ୍ଲ ଚତୁର୍ଥୀରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିଲା ଏହି ଲଡୁ । ସନ୍ଧ୍ୟାରେ ମହାପ୍ରସାଦ ରୂପେ ଏହା ଅର୍ପଣ କରାଯିବା ପରେ ବିକ୍ରି ନିମନ୍ତେ ଟେଣ୍ଡର ହୋଇଥିଲା । ମନ୍ଦିର ଅଞ୍ଚଳର ଭକ୍ତ ବାଳକୃଷ୍ଣ ପଣ୍ଡା ସର୍ବାଧିକ ୧୬,୦୧୬ ଟଙ୍କାରେ କ୍ରୟ କରିଥିଲେ ଏହି ଲଡୁ । ଅନ୍ୟପକ୍ଷରେ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ପୀଠ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସମାରୋହ ହୋଇଥିଲା । ହଜାର ହଜାର ଆଧ୍ୟାତ୍ମିକପ୍ରେମୀ ଏହାକୁ ଉପଭୋଗ କରିଥିଲେ ।

■ ପ୍ରଦୂଷଣ ରୋକିବାକୁ ଛାତ୍ରୀଛାତ୍ରଙ୍କ ପ୍ରୟାସ

# ସ୍ୱତନ୍ତ୍ର କୁଣ୍ଡରେ ହେବ ଗଣେଶ ମୂର୍ତ୍ତି ବିସର୍ଜନ

**ବ୍ରହ୍ମପୁର ଅଫିସ୍,୧୪।୯**

ଗଣେଶ ପୂଜାରୁ ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ଆଗାମୀ କିଛି ମାସ ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ପୂଜା ଚାଲିବ। ଗାଁରୁ ସହର ସବୁଠି ଆୟୋଜନ ହେବ ପୂଜା। ନିର୍ମାଣ ହେବ ମୂର୍ତ୍ତି ଓ ସୁଉଚ୍ଚ ତୋରଣ। ତେବେ ପାର୍ବଣର ଆଗମନ ଯେତିକି ଖୁସି ଆଣିଥାଏ, ପ୍ରଦୂଷଣ ମାତ୍ରା ତାହାଠାରୁ ବଳି ଯାଇଥାଏ । ଏହାକୁ ନେଇ ବିଭିନ୍ନ ସମୟରେ ପରିବେଶବିତ୍‌ମାନେ ଚିନ୍ତା ପ୍ରକାଶ କରିଛନ୍ତି । ବିଶ୍ୱରେ ପ୍ରଦୂଷଣର ସ୍ତର ବୃଦ୍ଧି ପାଉଥିବା ବେଳେ ଏକ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି ଗଞ୍ଜାମ ଜିଲା ଭଞ୍ଜନଗର ଏବଂ ଜଗନ୍ନାଥପ୍ରସାଦ ବ୍ଲକର ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ । ଯାହାକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା ଚାଲିଛି ।

କିଛି ମାସ ହେଲା ଗଞ୍ଜାମ ଜିଲା ଗଣଶିକ୍ଷା ବିଭାଗ ପକ୍ଷରୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ଜିରୋ ପିରିୟଡ଼ କାର୍ଯ୍ୟକାରୀ ହେଉଛି । ପିଲାମାନେ ଏହି ପିରିୟଡ଼ରେ ଇଚ୍ଛା ମୁତାବକ କାର୍ଯ୍ୟ କରନ୍ତି। ମୂର୍ତ୍ତି ନିର୍ମାଣ କରିବା, କାଗଜରେ ବିଭିନ୍ନ ପ୍ରକାର ଆକୃତି ବନାଇବା, ଚିତ୍ରାଙ୍କନ, ସଂଗୀତ ପରିବେଷଣ, ବାଦ୍ୟଯନ୍ତ୍ର ବଜାଇବା ସହ କବିତା ଲେଖିବା ଭଳି ନିଜ ରୁଚି ଅନୁଯାୟୀ କାର୍ଯ୍ୟ କରନ୍ତି ଛାତ୍ରୀଛାତ୍ର। ସୃଜନଶୀଳତା ଏବଂ ରଚନାତ୍ମକ(କ୍ରିଏଟିଭିଟି)ର ବୃଦ୍ଧି ଦିଗରେ ଏହି ଜିରୋ ପିରିୟଡ଼ ବେଶ୍ ସହାୟକ ହେଉଛି। ଏହାର ସୁଫଳ ଭଞ୍ଜନଗର ଏବଂ ଜଗନ୍ନାଥପ୍ରସାଦ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ଗଣେଶ ପୂଜାରେ ଦେଖିବାକୁ ମିଳିଛି । ଗଣେଶଙ୍କୁ ପୂଜା କଲେ ବିଦ୍ୟା, ବୁଦ୍ଧିପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ସାଧାରଣତଃ ବଜାରରୁ ଗଣେଶଙ୍କ ମୂର୍ତ୍ତି କିଣି ବିଦ୍ୟାଳୟରେ ପୂଜା କରାଯାଇଥାଏ । କିନ୍ତୁ ଚଳିତ ବର୍ଷ ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ବ୍ଲକରେ ଭିନ୍ନ ଏକ ପଦକ୍ଷେପ ନିଆଯାଇଥିଲା। ବଜାରରୁ ଗଣେଶଙ୍କ ମୂର୍ତ୍ତି କିଣା ନ ଯାଇ ଛାତ୍ରୀଛାତ୍ରମାନେ ନିର୍ମାଣ କରିଥିବା ମୂର୍ତ୍ତି ପୂଜା କରାଯାଇଛି। ଗଣେଶଙ୍କ ମୂର୍ତ୍ତି ଗଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ସେମାନେ ଦଳ ଗଠନ କରି ମାଟି ସଂଗ୍ରହ କରିଥିଲେ । ପୁଣି ଦଳ ଦଳ ହୋଇ ମୂର୍ତ୍ତି ଗଢ଼ିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କୁ ସହଯୋଗ କରିବା ସହ ମାର୍ଗଦର୍ଶନ ଦେଇଥିଲେ। ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇଥିଲା । ଗୁରୁବାର ଛାତ୍ରୀଛାତ୍ରମାନେ ସ୍ୱନିର୍ମିତ ମୂର୍ତ୍ତିକୁ ପୂଜା କରିଥିଲେ । ଭଞ୍ଜନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନଞ୍ଜୟ ରାଓ କହିଛନ୍ତି ଯେ, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସୃଜନଶୀଳତା ଏବଂ ରଚନାତ୍ମକ ପ୍ରତିଭାର ବିକାଶ ପାଇଁ ଏହି ପଦକ୍ଷେପ ନିଆଯାଇଛି । ଯାହାର ନାମ ୪ଜି(ଗୋ ଫର୍ ଗଣେଶ ଟୁ ମେକ୍ ଗ୍ରିନ୍ ଗଞ୍ଜାମ) ଦିଆଯାଇଛି। ପୂଜା ସରିବା ପରେ ମୂର୍ତ୍ତିକୁ କୌଣସି କେନାଲ୍ କିମ୍ବା ଜଳଉତ୍ସରେ ବିସର୍ଜନ କରାଯିବ ନାହିଁ । ବିଦ୍ୟାଳୟ ପରିସରରେ ଏକ କୁଣ୍ଡରେ ପାଣି ଭର୍ତ୍ତି କରି ସେଥିରେ ବିର୍ସଜନ କରାଯିବ। ପାଣି ଶୁଖିବା ପରେ କୁଣ୍ଡରେ ଯେଉଁ ମାଟି ରହିବ, ସେଥିରେ ଗଛ ଲଗାଯିବ। ଉକ୍ତ ଗଛକୁ ଦେଖିଲେ ପିଲାମାନେ ପରିବେଶ ପ୍ରତି ଥିବା ନିଜ ଦାୟିତ୍ୱକୁ ହୃଦୟଙ୍ଗମ କରିପାରିବେ।



ପ୍ରାକୃତିକ ରଙ୍ଗ ଦେଇ ପିଲାମାନେ ଗଢ଼ିଥିବା ଗଣେଶଙ୍କ ମୂର୍ତ୍ତି ।

## ସହରରେ ପୂଜା ପାଉଥିବା ଗଜାନନ



ପ୍ରେମ ନଗର ମୁଖ୍ୟ ରାସ୍ତା ।



ଗୋପାଳରାଓ ସାହି ।



ଠାକୁରାଣୀ ମନ୍ଦିର ସାହି ।



ନିମଖଣ୍ଡି ବଡ଼ଖେମୁଣ୍ଡି ସାହି ।

## ସଂକ୍ଷେପରେ

### ନଦୀରେ ଭାସି ଯୁବତୀଙ୍କ ମୃତ୍ୟୁ

**କ.ନୂଆଗାଁ/ରାଇକିଆ, ୧୪.୯(ଡି.ଏନ୍.ଏ):** କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଗୁଞ୍ଜିବାଡ଼ି ପଞ୍ଚାୟତ ଧରମପୁର ଗ୍ରାମରେ ଶୁକ୍ରବାର ନଦୀରେ ଭାସି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଳେଶ୍ୱରୀ ବେହେରଦଳେଇ। ଶୁକ୍ରବାର ସକାଳେ ବିଲରେ କାମ କରିବା ପାଇଁ ଜଳେଶ୍ୱରୀ ଗାଁ ନିକଟରେ ଥିବା କାଳିପେନୁ ନଦୀ ପାର ହୋଇ ଯାଇଥିଲେ। ଅପରାହ୍ନ ୧ଟାରେ ସେ ଜଣେ ସମ୍ପର୍କୀୟ ମହିଳାଙ୍କ ସହ ମିଶି ନଦୀ ପାର ହୋଇ ଫେରୁଥିବା ବେଳେ ସ୍ରୋତରେ ଉଭୟେ ଭାସି ଯାଇଥିଲେ। ସମ୍ପର୍କୀୟା ତାରାବତୀ ପାତ୍ର କୌଣସି ପ୍ରକାରେ କୂଳକୁ ଆସି ଯାଇଥିବା ବେଳେ ଜଳେଶ୍ୱରୀ ଭାସି ଯାଇଥିଲେ। ବହୁ ଖୋଜାଖୋଜି ପରେ ଗ୍ରାମବାସୀ ଜଳେଶ୍ୱରୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ନଦୀ ଉପରେ ଏକ ପୋଲ ପାଇଁ ଦୀର୍ଘ ବର୍ଷ ହେଲା ଗ୍ରାମବାସୀ ଦାବିକରି ଆସୁଥିଲେ ମଧ ପୋଲ ନିର୍ମାଣ ହୋଇପାରୁ ନାହିଁ। ବର୍ଷା ଦିନେ ନଦୀରେ ପାଣି ଆସିଲେ ବିପଦପୂର୍ଣ୍ଣ ଭାବେ ବଡ଼ ବଡ଼ ହଣ୍ଡା ସାହାର୍ଯ୍ୟରେ ଗ୍ରାମବାସୀ ନଦୀ ପାର ହେଉଛନ୍ତି।

### ଆଶାକର୍ମୀଙ୍କ ଦାବିପତ୍ର ପ୍ରଦାନ

**କୁକୁଡ଼ାଖଣ୍ଡି, ୧୪।୯(ଡି.ଏନ.ଏ.):** କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨୦ ଜଣ ଆଶାକର୍ମୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ କେ. କ୍ରିଷ୍ଣା କୁମାରୀଙ୍କ ଆହ୍ୱାନକ୍ରମେ ଏକତ୍ରିତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡ.ମନମୋହନ ବିଶୋୟୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଡ୍ୟୁଟି ସମୟରେ ଷ୍ଟାଫ ନର୍ସ ଏବଂ ସିକ୍ୟୁରିଟିଗାର୍ଡ ଦୁର୍ବ୍ୟବହାର କରୁଛନ୍ତି, ଏନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ମେଡିକାଲ ପରିସରରେ ରାତି ଡ୍ୟୁଟି କରୁଥିବା ଆଶାକର୍ମୀଙ୍କ ପାଇଁ ଆଶାଗୃହ ନିର୍ମାଣ, ଗତ ମାସରେ ସରକାର ଘୋଷଣା କରିଥିବା ୧୦ ହଜାର ଟଙ୍କା ପ୍ରଦାନ, ମାସିକ ପ୍ରାପ୍ୟ ତଥା ଅନ୍ୟାନ୍ୟ ପ୍ରୋତ୍ସାହନ ରାଶି ନିର୍ଦ୍ଧାରିତ ସମୟରେ ମିଳିବା ପାଇଁ ଆଶାକର୍ମୀମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଗଞ୍ଜାମ ଜିଲା କମିଟି ତରଫରୁ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି କହିଛନ୍ତି।

### ମଧୁବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

**ଶେରଗଡ, ୧୪।୯(ଡି.ଏନ୍.ଏ.):** ଶେରଗଡ ମଧୁବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ସମାଜ କୋଠଘରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ସଦାନନ୍ଦ ବେହେରା ଏଥିରେ ଅଧକ୍ଷତା କରିଥିଲେ। ବାର୍ଷିକ ଆୟବ୍ୟୟ ହିସାବ, ସମାଜରେ ମଧୁବୈଶ୍ୟ ସମାଜର ସ୍ଥିତି, ଗରିବ ପରିବାରର ସମାସ୍ୟା, କୌଳିକ ବୃତ୍ତିକୁ ପ୍ରାଧାନ୍ୟ ଦେବା, କୂଳର କୋଠ ସମାସ୍ୟା ସମାଧାନ ଆଦି ଉପରେ ଆଲୋଚନା ହୋଇଥିଲା। ବୈଠକରେ ନାରାୟଣ ସାହୁ, ଦେବେନ୍ଦ୍ର ସାହୁ, ଭାସ୍କର ସାହୁଙ୍କ ସମେତ ଅଞ୍ଚଳର ମଧୁବୈଶ୍ୟ ସମାଜର ବହୁ ଲୋକ ଯୋଗଦେଇଥିଲେ। କରଡାକଣା ମଧୁବୈଶ୍ୟ ସମାଜର ବାର୍ଷିକ ବୈଠକ ବରମୁଣ୍ଡଳୀ ମହାଦେବ ପୀଠରେ ଅନୁଷ୍ଠିତ ହୋଇଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ବ୍ୟାଙ୍କ ଏଜେଣ୍ଟଙ୍କ ମୃତଦେହ ମିଳିବା ଘଟଣା

# ଅଚଳ ହେବ ଅଭିଯୁକ୍ତ ଡାକ୍ତରଙ୍କ ବ୍ୟାଙ୍କ ଆକାଉଣ୍ଟ

**ବ୍ରହ୍ମପୁର ଅଫିସ, ୧୪।୯**

ଏଚଡିଏଫସି ବ୍ୟାଙ୍କ କମିଶନ ଏଜେଣ୍ଟ ବିଷ୍ଣୁ ପ୍ରସାଦ ଗୌଡଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ପରିତ୍ୟକ୍ତ କୂଅରୁ ମିଳିବା ଘଟଣାରେ ଡାକ୍ତର ହୃଷୀକେଶ ତ୍ରିପାଠୀ ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ ସ୍ପଷ୍ଟ କରିଛି । ତେବେ କେଉଁ କାରଣରୁ ଏହି ହତ୍ୟାକାଣ୍ଡ ହୋଇଛି ତାହା ଏଯାବତ୍ ସ୍ପଷ୍ଟ ହୋଇପାରିନାହିଁ । ଅଭିଯୁକ୍ତ ଡାକ୍ତର ଗିରଫ ହେବା ପରେ ସେ କେଉଁ କାରଣରୁ ଏବଂ କିଭଳି ବିଷ୍ଣୁଙ୍କୁ ହତ୍ୟାକରି ତିନି ଗଡ କଲେ ତାହା ସ୍ପଷ୍ଟ ହୋଇପାରିବ ବୋଲି ପୋଲିସ କହିଛି । ଡାକ୍ତରଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ବେଳେ ତାଙ୍କ ନାମରେ ଯେଉଁସବୁ ବ୍ୟାଙ୍କରେ ଆକାଉଣ୍ଟ ରହିଛି ସେ ସବୁର ନେଣଦେଣ ଉପରେ ନଜର ରଖିଛି ପୋଲିସ । ବ୍ୟାଙ୍କ ଆକାଉଣ୍ଟଗୁଡିକୁ ଅଚଳ କରାଯିବା ଲାଗି ଚିଠି ଲେଖାଯାଇଥିବା ଏସପି ପିନାକ ମିଶ୍ର କହିଛନ୍ତି । ଏହା କରାଗଲେ ଡାକ୍ତର ତ୍ରିପାଠୀଙ୍କୁ କାବୁ କରିବାକୁ ସହଜ ହେବ ବୋଲି ଜଣାଯାଇଛି ।

ମୃତ ବିଷ୍ଣୁଙ୍କ ସ୍ତ୍ରୀ ନର୍ମଦାଙ୍କ ଅଭିଯୋଗକୁ ଭିତ୍ତିକରି ପ୍ରାଥମିକ ଅନୁସନ୍ଧାନରୁ ତ୍ରିକୋଣୀୟ ପ୍ରେମ ବ୍ୟପାରକୁ ନେଇ ବିଷ୍ଣୁଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରିଥିଲା । ବିଷ୍ଣୁଙ୍କ ସହିତ ଡାକ୍ତରଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ସହିତ ଦୀର୍ଘ ଦିନରୁ ସମ୍ପର୍କ ରହିଆସିଥିବା ଜାଣିବା ପରେ ପୋଲିସ ତଦନ୍ତର ଦିଗକୁ ବଢାଇଛି । ଜଣେ ନର୍ସଙ୍କ ସହିତ ଡାକ୍ତର ତ୍ରିପାଠୀ ଏବଂ ବିଷ୍ଣୁଙ୍କ ସମ୍ପର୍କ ରହିଥିଲା । ବିଷ୍ଣୁଙ୍କ ପୁତୁରା ଚିକିତ୍ସା ପାଇଁ ଯେତେବେଳେ ଡାକ୍ତର ତ୍ରିପାଠୀଙ୍କ ଗାୟତ୍ରୀ କ୍ଲିନିକ୍‌ରେ ଭର୍ତ୍ତି ହୋଇଥିଲେ ସେ ସମୟରେ ଖଲ୍ଲିକୋଟ ବଣିଆ ଗ୍ରାମସ୍ଥିତ ବିଷ୍ଣୁଙ୍କ ଘରକୁ ଡାକ୍ତର ଯିବା ଆସିବା କରୁଥିଲେ । ଏହି ସମୟରେ ବିଷ୍ଣୁଙ୍କ ସ୍ତ୍ରୀ ନର୍ମଦାଙ୍କୁ ନର୍ସଙ୍କ ସହିତ ବିଷ୍ଣୁଙ୍କର ସମ୍ପର୍କ ରହିଥିବା କଥା ଡାକ୍ତର ତ୍ରିପାଠୀ କହିଥିଲେ । ଏହାକୁ ନେଇ ବିଷ୍ଣୁଙ୍କ ପରିବାରରେ ଝଡ ଉଠିଥିଲା । ବିଷ୍ଣୁ ଘଟଣା ସମ୍ପର୍କରେ ଡାକ୍ତର ତ୍ରିପାଠୀଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ । ସେହିପରି ନର୍ସଙ୍କ ସହିତ ଡାକ୍ତରଙ୍କ ସମ୍ପର୍କ ରହିଥିବା ମଧ କହିଥିଲେ । ଏଥିରେ ଡାକ୍ତର ତ୍ରିପାଠୀ ପ୍ରତିଷୋଧ ପରାୟଣ ହୋଇ ବିଷ୍ଣୁଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

# ୮ ବାଇକ ଉଦ୍ଧାର, ୩ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍।

**ଫୁଲବାଣୀ ଅଫିସ, ୧୪।୯**

ଫୁଲବାଣୀ ଟାଉନ ଥାନା ପୋଲିସ ଶୁକ୍ରବାର ଏକ ବାଇକ ଚୋରି ରାକେଟକୁ ଠାବକରି ୩ ଜଣକୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅଞ୍ଚଳ ସାଇନପଦର ଗ୍ରାମର ଶଙ୍କର ଦିଗାଲ, ଗୋଚ୍ଛାପଡା ଥାନା ମାଟିଘାଇର ଶରତ ଚନ୍ଦ୍ର ବେହେରା, ସଦର ଥାନା ବେଲପଦର ଗ୍ରାମର ସଚିନ କହଁର। ଅଭିଯୁକ୍ତଙ୍କଠାରୁ ୮ଟି ବାଇକ ଉଦ୍ଧାର ହୋଇଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗତ ୧୨ରେ ପିଅନପଡ଼ା ସ୍ଥିତ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଘର ଆଗରୁ ତାଙ୍କ ମଟର ସାଇକେଲ ଚୋରି ହୋଇଥିଲା। ଏ ନେଇ ସେ ଟାଉନଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୂର୍ବରୁ ମଟର ସାଇକେଲ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଶଙ୍କରଙ୍କ ଘରେ ଚଢାଉକରି ପୋଲିସ ବାଇକ ଜବତ କରିଥିଲା। ଶଙ୍କରଙ୍କ ସୂଚନା ଆଧାରରେ ଶରତ ଓ ସଚିନଙ୍କୁ ଗିରଫ କରି ନଂ. ୧୫୯/୧୮ରେ ଏକ ମାମଲା ରୁଜୁ କରାଯାଇଛି ।

# ମୋଦି-ମାଲ୍ୟାଙ୍କ କୁଶପୁତ୍ତଳିକା ଦାହ କଲା ଯୁବ କଂଗ୍ରେସ



ଯୁବ କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଉଛି।

**ବ୍ରହ୍ମପୁର ଅଫିସ, ୧୪।୯**

ବ୍ରହ୍ମପୁର ଲୋକସଭା କ୍ଷେତ୍ର ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ଗଞ୍ଜାମ ଜିଲା କଂଗ୍ରେସର ସ୍ଥାନୀୟ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ଛକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ହଜାର ହଜାର କୋଟି ଟଙ୍କା ବ୍ୟାଙ୍କ ଋଣ ଠକେଇ କରିଥିବା ପଳାତକ ମଦ ସମ୍ରାଟ ବିଜୟ ମାଲ୍ୟାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମାଲ୍ୟାଙ୍କ ଋଣ ଠକେଇରେ ଭାଜପା ନେତାଙ୍କ ସମ୍ପୃକ୍ତି ଥିବା ଏବଂ ଦେଶ ଛାଡ଼ିବା ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ସେ ଆଲୋଚନା କରିଥିବା କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଯେଉଁ ଗୁରୁତର ଅଭିଯୋଗ କରିଥିଲେ ତାହା ମାଲ୍ୟାଙ୍କ ବୟାନରୁ ସ୍ପଷ୍ଟ ହୋଇଛି । ଏଥିରେ ପ୍ରଧାନମନ୍ତ୍ରୀ ମୋଦି ମଧ ଭାଗିଦାର ଥିବା ପ୍ରମାଣିତ ହୋଇଥିବା ଯୁବ କଂଗ୍ରେସ କରୁକ୍ତି ପ୍ରକାଶ କରିଥିଲା । ଲୋକସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପାତ୍ର ନେତୃତ୍ୱ ନେଇଥିଲେ। ସୁରେଶ ବେହେରା, ସ୍ୱରୂପ ପଟ୍ଟନାୟକ, ବିଶ୍ୱରାଜ ପାଣିଗ୍ରାହୀ, ସୁନିଲ ମହାକୁଡ଼, ଜଗନ୍ନାଥ ପଲେଇ, ମାନସ ରଞ୍ଜନ ସାହୁଙ୍କ ସମେତ ଅନେକ ଯୁବ କର୍ମୀ ଉପସ୍ଥିତ ଥିଲେ ।

### ଆସିକା ଥାନା ପାଇଲା ଉତ୍ତମ ପରିଚାଳନା ସମ୍ମାନ

**ଆସିକା, ୧୪।୯(ଡି.ଏନ୍.ଏ.)**

ଆସିକା ଥାନା ଉତ୍ତମ ପରିଚାଳନା ଲାଗି ଆଇଏସ୍‌ଓ- ୯୦୦୧-୨୦୧୫ ସମ୍ମାନ ହାସଲ କରିଥିବା ଜଣାଯାଇଛି । ଶୁକ୍ରବାର ଏ ସମ୍ପର୍କରେ ଏକ ସୂଚନା ଆସିକା ଥାନାରେ ପହଞ୍ଚିଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ଆସିକା ଥାନା ଇଲାକାରେ ସୀମିତ ବ୍ୟବସ୍ଥା ମଧରେ ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା, ସାଧାରଣରେ ପୋଲିସ ପ୍ରତି ଦୃଢ ଆସ୍ଥା ଭାଜନ ହୋଇପାରିବା ଏବଂ ଆସିକା ଥାନା ଚତୁଃପାର୍ଶ୍ୱରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାର କରିବା ଦିଗରେ ଅପରାଧୀଙ୍କୁ ଚିହ୍ନଟ କରିବା ନେଇ ଏହି ଥାନାର କାର୍ଯ୍ୟକଳାପ ସନ୍ତୋଷ ଜନକ ଥିବା ଏହି ମାନପତ୍ରରେ ଦର୍ଶାଯାଇଛି । ଆସିକା ଥାନା ଏଭଳି ମାନପତ୍ର ପାଇବାରେ ରାଜ୍ୟରେ ପ୍ରଥମ ଥାନା ବୋଲି କୁହାଯାଇଛି ।

# ସମବାୟ ମନ୍ତ୍ରୀଙ୍କ ଦ୍ୱାରା ଋଣ ବଣ୍ଟନ

**ଦିଗପହଣ୍ଡି, ୧୪।୯(ଡି.ଏନ.ଏ.)**

ଦିଗପହଣ୍ଡି ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଶୁକ୍ରବାର ଦିଗପହଣ୍ଡିରେ ପହଞ୍ଚି ୯ଟି ଗୋଷ୍ଠୀର ୫୩ ଜଣଙ୍କୁ ଜେଏଲଜି ଯୋଜନାରେ ୫ ଲକ୍ଷ ୩୦ ହଜାର ଟଙ୍କାର ସମବାୟ ଋଣ ବଣ୍ଟନ କରିଛନ୍ତି । ସ୍ଥାନୀୟ ରଘୁନାଥ ମନ୍ଦିର ସଭା ମଣ୍ଡପରେ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମବାୟ ସମିତି ସମ୍ପାଦକ ସୁରେଶ ଚନ୍ଦ୍ର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମବାୟ ସମିତି ସଭାପତି ଅଶ୍ୱିନୀ କୁମାର ଦାସ ଅଧକ୍ଷତା କରିଥିଲେ । ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମ୍ପାଦକ ଚିତ୍ତରଞ୍ଜନ ପାଣିଗ୍ରାହୀ, ସମବାୟ ଉପ ନିବନ୍ଧକ ଗୋପାଳକୃଷ୍ଣ ନାୟକ, ସମବାୟ ସୁପରଭାଇଜର ପ୍ରକାଶ ପ୍ରଧାନ, ଗଞ୍ଜାମ ଜିଲା ସମବାୟ ସମୂହ ସଭାପତି ସନାତନ ସଂଗ୍ରାମ ସିଂ, ପୂର୍ବତନ ଏନ୍‌ଏସି ଅଧକ୍ଷ ହୃଦୟ ରଞ୍ଜନ ମେକାପ, ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଶାନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ।

■ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ

# ବିଧାୟକଙ୍କ ବିରୋଧରେ ବର୍ଷିଲେ କର୍ମୀ

**ପୁରୁଷୋତ୍ତମପୁର, ୧୪।୯(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ବ୍ଲକ ଭାଟକୁମରଡ଼ା ବାଇଧର ମନ୍ଦିର ପରିସରରେ ବିଜେଡିର କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ଦିଗାମ୍ବର ପାଣିଗ୍ରାହୀ ପୌରୋହିତ୍ୟ କରିଥିବାବେଳେ ଜିଲା ବିଜେଡି ଉପସଭାପତି ଅରୁଣ କୁମାର ପଣ୍ଡା, ଜିଲା ଯୁବ ବିଜେଡି ଉପସଭାପତି ତଥା ସିହେଡ ନୂଆଗାଁ ସମିତି ସଭ୍ୟ ନିର୍ମଳ ଚନ୍ଦ୍ର ସାହୁ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ସୁରଥ ପ୍ରଧାନ, ସୁଭ୍ରାଂଶୁ ସାବତ, ପୂର୍ବତନ ବ୍ଲକ ଅଧକ୍ଷ ଲିଙ୍ଗରାଜ ସାହୁ, ବନବିହାରୀ ଦାଶ, ଦୈତାରୀ ବେହେରା, ବାଲୁ ଚରଣ ବସ୍ତିଆ, ଶାମସୁନ୍ଦର ଦାଶ, ସମିତି ସଭ୍ୟ ଗୀତା ବସ୍ତିଆ, ପୂର୍ବତନ ବ୍ଲକ ଉପାଧକ୍ଷ ଶରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଯେପରି ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ସମସ୍ତେ ଗୁରୁତ୍ୱ ଦେବା ସହ ସାଧାରଣ ନିର୍ବାଚନରେ ଯେପରି ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବେ ସେଥିପାଇଁ ସବୁ କର୍ମୀମାନେ ମତ ଭେଦ ଭୁଲି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏନେଇ କର୍ମୀମାନେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ବିରୋଧରେ ସ୍ୱରଉତ୍ତୋଳନ କରିଥିଲେ। ବିଧାୟକ କର୍ମୀଙ୍କ ପ୍ରତି ଗୁରୁତ୍ୱ ଦେଉ ନ ଥିବା, ଲୋକଙ୍କ ସମସ୍ୟା ବୁଝୁ ନ ଥିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ସହ ଏପରି ବିଧାୟକ ନ ହଟିବା ଯାଏ କାର୍ଯ୍ୟ କରିବୁ ନାହିଁ ବୋଲି ଅଭିଯୋଗ କରିଥିଲେ। ଏଥିପ୍ରତି ନେତୃତ୍ୱ ମଣ୍ଡଳ ତୁରନ୍ତ ପଦକ୍ଷେପ ନେବାକୁ କର୍ମୀମାନେ ଦାବି କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ସରପଞ୍ଚ, ସମିତି ସଭ୍ୟଙ୍କ ସହ ବିଭିନ୍ନ ପଞ୍ଚାୟତର ବହୁ କର୍ମୀମାନେ ଯୋଗ ଦେଇଥିଲେ।



କର୍ମୀ ସମ୍ମିଳନୀରେ ଉପସ୍ଥିତ ଅତିଥି।

### ଅଣୁ ଯୋଜନା ପ୍ରସ୍ତୁତି ଲାଗି ତାଲିମ

**ବୁଗୁଡ଼ା, ୧୪।୯(ଡି.ଏନ.ଏ.):** ଓଡ଼ିଶା ବନ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟର ସଫଳ ରୂପାୟନ ପାଇଁ ବୁଗୁଡ଼ା ବନାଞ୍ଚଳ କ୍ଷେତ୍ରୀୟ ପରିଚାଳନା ସଂସ୍ଥାନ ଆୟୋଜନରେ ବୁଗୁଡ଼ା ବନାଞ୍ଚଳ ସଭାଗୃହ ଓ ଝଟିକାପଲ୍ଲୀ ଅଞ୍ଚଳରେ ଅଣୁ ଯୋଜନା ପ୍ରସ୍ତୁତି ନିମନ୍ତେ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଡିଓ ସଞ୍ଜୀବରାଜ ସେନାପତି, ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ା, ବିଷୟବସ୍ତୁ ବିଶେଷଜ୍ଞ ସୋହନ ମିଶ୍ର, ଲିପିକା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଅଣୁ ଯୋଜନା ସଂଯୋଜକ ସୁରେଶ ପ୍ରସାଦ ସରାଫ ପ୍ରମୁଖ ଯୋଗ ଦେଇଥିଲେ । ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ୨୦ ବନ ସୁରକ୍ଷା ସମିତି ଅଧୀନରେ ଥିବା ଗ୍ରାମଗୁଡ଼ିକରେ ଯେଭଳି ଉନ୍ନତି ହୋଇପାରିବେ ସେ ସମ୍ପର୍କରେ ଅଣୁ ଯୋଜନା ପ୍ରସ୍ତୁତି ନିମନ୍ତେ ୪୦ ଏନିମେଟରଙ୍କୁ ଅଧିକାରୀମାନେ ତାଲିମ ଦେଇଥିଲେ। ଏଥିରେ ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ବଳରାମ ପାତ୍ର, ସରସ୍ୱତୀ ନାୟକ, ସୁଶାନ୍ତ କୁମାର ବିଷୋୟୀ, ଭୋଳେଶ୍ୱର ମଲ୍ଲିକଙ୍କ ସମେତ ସମସ୍ତ ବନରକ୍ଷୀ ଓ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଓମ୍‌ଶାନ୍ତି ପକ୍ଷରୁ ସଚେତନତା

**କୋଦଳା, ୧୪।୯(ଡି.ଏନ୍.ଏ.)**

କୋଦଳା ପ୍ରଜାପିତା ବ୍ରହ୍ମାକୁମାରୀ ଶାଖା ପକ୍ଷରୁ ମୁଖ୍ୟ ଶାଖା ସଞ୍ଚାଳକ ବ୍ରହ୍ମାକୁମାରୀ ସୁମିତ୍ରା ଭଉଣୀଙ୍କ ତତ୍ତ୍ୱାବଧାନରେ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଶୁକ୍ରବାର ପୂର୍ବାହ୍ନରେ ମୁଣ୍ଡରେ କଳସ ଓ ପତାକା ଧରି ନଗର ପରିକ୍ରମା କରି ସ୍ଥାନୀୟ ଶକ୍ତିନଗରସ୍ଥିତ ଶାଖା କାର୍ଯ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନଗର ପଳିକା ସୁନିତା ପ୍ରଭା ସାହୁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଗୁଜରାଟରୁ ସଂଯୋଜକ ଅଭିଶେକ୍ ଓ ଲାବଣ୍ୟ ବେହେରା ଯୋଗଦେଇ ଅଖିଳ ଭାରତୀୟ ବସ୍ ପ୍ରଦର୍ଶନ ଅଭିଯାନରେ ବିଭିନ୍ନ ଛାତ୍ରୀଛାତ୍ରଙ୍କୁ ଏକତ୍ରୀତକରି ନିଶାମୁକ୍ତ ଉପରେ ସଚେତନ କରିଥିଲେ।

# ଦୁର୍ଘଟଣାରେ ଭାଜପା ନେତା ଆହତ

**ଫୁଲବାଣୀ ଅଫିସ, ୧୪।୯**

ବାଲିଗୁଡାରେ ହେବାକୁ ଥିବା ଏକ ସଭାରେ ଯୋଗ ଦେବାକୁ ଯିବାବେଳେ ଶୁକ୍ରବାର କନ୍ଧମାଳ ଜିଲା ଭାଜପା ସଭାପତି ଲିଙ୍ଗରାଜ ଦଳବେହେରା ଓ ସମ୍ପାଦକ ଭଗବାନ ମହାନ୍ତି ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ କ.ନୂଆଗାଁ ଓ ପରେ ଫୁଲବାଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବାଲିଗୁଡାରେ ଥିବା ସଭାରେ ଯୋଗ ଦେବା ପାଇଁ ଭାଜପା ଜିଲା ସଭାପତି ଦଳବେହେରା ଏକ ବୋଲେରୋରେ ଓ ସମ୍ପାଦକ ମହାନ୍ତି ତାଙ୍କ କାରରେ ଯାଉଥିଲେ। ମାରବାଲି ବୁଲାଣୀ ପାଖରେ ସାମ୍ନାପଟୁ ଆସୁଥିବା ଏକ ପିକ୍‌ଅପ ଭ୍ୟାନ ପ୍ରଥମେ ବୋଲେରୋକୁ ଧକ୍କା ଦେଇଥିଲା । ଫଳରେ ବୋଲେରୋ ପଛରେ ଥିବା କାର ଭାରସାମ୍ୟ ହରାଇ ପିଟି ହୋଇଥିଲା । ଦୁର୍ଘଟଣା ଘଟାଇଥିବା ଭ୍ୟାନ ଓଲଟି ପଡିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରିଛି ।

# ପଲିଥିନ୍ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

**ଆସିକା, ୧୪।୯(ଡି.ଏନ୍.ଏ.)**

ଆସିକା ଜେସିସ୍ ପକ୍ଷରୁ ଶୁକ୍ରବାର ପଲିଥିନ୍ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ଲବର ସଦସ୍ୟମାନଙ୍କ ଏକ ସାଇକେଲ ରାଲି ସହର ପରିକ୍ରମା କରି ପଲିଥିନ ବ୍ୟବହାରର ଭୟାବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଆସିକା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ଆସିକା ବସଷ୍ଟାଣ୍ଡ ଠାରେ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପଲିଥିନ୍‌ର କୁପ୍ରଭାବରେ ଜଳବାୟୁ ପ୍ରଦୂଷିତ ହେବା ସହ ପରିବେଶ ଉପରେ କୁପ୍ରଭାବ ପଡୁଥିବାରୁ ଏହାକୁ ବର୍ଜନ କରିବା ଲାଗି ସଦସ୍ୟମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। କ୍ଲବର ସଭାପତି ରାଜା ପାତ୍ରଙ୍କ ନେତୃତ୍ୱରେ ପୂର୍ବତନ ସଭାପତି ଅନିଲ କୁମାର ପୃଷ୍ଟି, ସୁନିଲ କୁମାର ପାତ୍ର, କିରଣ ପାଢୀ, ଉମେଶ ପାତ୍ର, କିରଣ କୁମାର ପାତ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।




ପଲିଥିନ ମୁକ୍ତ ଅଭିଯାନକୁ ଥାନାଧିକାରୀ ଉଦ୍‌ଘାଟନ କରୁଛନ୍ତି।

■ ପୂର୍ବତନ ବାଚସ୍ପତି ଚିନ୍ତାମଣିଙ୍କ ଦାବି

# ପାରଳାରେ ମେଡିକାଲ, ଫରେଷ୍ଟ କଲେଜ ପ୍ରତିଷ୍ଠା ହେଉ

**ବ୍ରହ୍ମପୁର ଅଫିସ, ୧୪।୯**

ଗଜପତି ଜିଲାର ସଦର ମହକୁମା ପାରଳାଖେମୁଣ୍ଡିରେ ସରକାରୀ ଫରେଷ୍ଟ କଲେଜ ପ୍ରତିଷ୍ଠା ପାଇଁ ବରିଷ୍ଠ କଂଗ୍ରେସ ନେତା ତଥା ବିଧାନସଭାର ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା ଦାବି କରିଛନ୍ତି । ଏହାଦ୍ୱାରା ଜଙ୍ଗଲ ବହୁଳ ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଆଦି ଜିଲାର ଆଦିବାସୀ ଓ ଅଣ ଆଦିବାସୀ ଛାତ୍ରୀଛାତ୍ରମାନେ ଫରେଷ୍ଟ ସର୍ଭିସ ନିମନ୍ତେ ପାଠ ପଢ଼ିବାର ସୁଯୋଗ ପାଇବେ ଏବଂ ସେମାନଙ୍କ ଚାକିରୀ ନିଯୁକ୍ତିରେ ସହାୟକ ହୋଇପାରିବ ବୋଲି ସେ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ପାରଳାଖେମୁଣ୍ଡିରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ଉପରେ ଦ୍ୟାନସାମନ୍ତରା ଗୁରୁତ୍ୱାରୋପ କରିଛନ୍ତି । ଇତିମଧ୍ୟରେ ବଲାଙ୍ଗୀର, କୋରାପୁଟ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ମେଡିକାଲ କଲେଜ ସ୍ଥାପନ ହୋଇଥିବାରୁ ଅନୁନ୍ନତ ଗଜପତି ଜିଲା ପ୍ରତି ସରକାର ଅଗ୍ରାଧିକାର ଦେବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି ।

ଶୁକ୍ରବାର ବ୍ରହ୍ମପୁରଠାରେ ପୂର୍ବତନ ବାଚସ୍ପତି ଆହୁରି କହିଛନ୍ତି, ଐତିହାସିକ ମହେନ୍ଦ୍ରଗିରି ପର୍ବତକୁ ଜାତୀୟ ସ୍ତରର ପର୍ଯ୍ୟଟନ କ୍ଷେତ୍ର ରୂପେ ପରିଣତ କରାଯିବା ଏବଂ ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତିରେ ପାରଳାଖେମୁଣ୍ଡିର ବୃନ୍ଦାବନ ପ୍ୟାଲେସକୁ ଉନ୍ନତମାନର ମ୍ୟୁଜିୟମରେ ପରିଣତ କରାଯିବା ଜରୁରୀ। ଏଥିପାଇଁ ସେ ସରକାରଙ୍କୁ ପ୍ରସ୍ତାବ ଦେଇଥିବା ସୂଚାଇଛନ୍ତି। ବ୍ରହ୍ମପୁରରେ ମେଡିକାଲ କଲେଜ, ଡିଗ୍ରୀ ଇଞ୍ଜିନିୟରିଂ କଲେଜ, ସରକାରୀ ଆଇଟିଆଇ, ଆଇଜର ଆଦି ପ୍ରତିଷ୍ଠା କରାଯାଇଛି । ତେବେ କୃଷି ବହୁଳ ଗଞ୍ଜାମ ଜିଲାରେ ସରକାର କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସେ ଦାବି କରିଛନ୍ତି ।

ପ୍ରଥମ ଉପା ସରକାର ଶାସନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁଙ୍କ ଉଦ୍ୟମରେ ପର୍ଯ୍ୟଟନ ସହର ଗୋପାଳପୁର ଠାରୁ ଶିଳ୍ପ ସହର ରାୟଗଡ଼ା ପର୍ଯ୍ୟନ୍ତ ରେଳପଥ ନିର୍ମାଣ ପାଇଁ ସର୍ଭେ ହୋଇଥିଲା । ବର୍ତ୍ତମାନର କେନ୍ଦ୍ର ଏନଡିଏ ସରକାର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଦ୍ୟାନସାମନ୍ତରା ଦାବି କରିଛନ୍ତି । ବ୍ରହ୍ମପୁରରୁ ଭାୟା ଫୁଲବାଣୀ ଦେଇ ସମ୍ବଲପୁର ପର୍ଯ୍ୟନ୍ତ ରେଳପଥ ନିର୍ମାଣ ପ୍ରତି ମୋଦି ସରକାର ଅଣଦେଖା କରୁଥିବା ସେ ଅଭିଯୋଗ କରିଛନ୍ତି । ସେହିପରି ବ୍ରହ୍ମପୁରରୁ ଭାୟା ତୁମ୍ବା ଦେଇ ଓଡ଼ିଶା ଅଞ୍ଚଳରେ ନିର୍ମିତ ସଡ଼କରେ ସରକାରୀ ଓ ଘରୋଇ ଯାତ୍ରୀବାହୀ ବସ ଚଳାଚଳ ହେଉନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପୂର୍ତ୍ତ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଚିନ୍ତାମଣି ଦାବି କରିଛନ୍ତି । ବଂଶଧାରା ଓ ଋଷିକୁଲ୍ୟା ନଦୀ ସଂଯୋଗୀକରଣ ପାଇଁ ଦ୍ୟାନ ସାମନ୍ତରା ପୁନର୍ବାର ଦାବି କରିଛନ୍ତି । ଏହାଦ୍ୱାରା ଦୁଇ ନଦୀର ବନ୍ୟାଜଳ ନିୟନ୍ତ୍ରଣ ହେବ ଏବଂ ଗଜପତି ଓ ଗଞ୍ଜାମ ଜିଲାରେ କୃଷି କାର୍ଯ୍ୟକ୍ରମ ଲାଗି ସୁବିଧାରେ ସେଚ ବ୍ୟବସ୍ଥା ସହ ପିଇବା ପାଣି ସଙ୍କଟର ସନ୍ତୋଷଜନକ ସମାଧାନ ହୋଇପାରିବ । ତେଣୁ ନଦୀ ସଂଯୋଗୀକରଣକୁ ସରକାର ଗୁରୁତ୍ୱ ଦେବାକୁ ସେ ଦାବି କରିଛନ୍ତି ।

### ଘରେ କଳାକନା ବୁଲାଇଲେ ଲୁଟେରା

# ୭୦ ହଜାର ଟଙ୍କା , ୪ ତୋଳା ସୁନା ଲୁଟ୍

ପାଟପୁର,୧୪ା୯(ଡି.ଏନ.ଏ.)

ପାଟପୁର ଥାନା ଖଲିଙ୍ଗି ଗ୍ରାମର ତାରିଣୀ ଲେଙ୍କାଙ୍କ ଘରେ ଗୁରୁବାର ବିଳମ୍ବିତ ରାତିରେ ଲୁଟେରା କଳାକନା ବୁଲାଇଛନ୍ତି। ଏନେଇ ପାଟପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗ୍ରାମର ଶେଷ ମୁଣ୍ଡରେ ରହୁଥିବା ତାରିଣୀ ଲେଙ୍କା ଗରମ ହେଉଥିବାରୁ ଗୁରୁବାର ରାତିରେ ଘରେ ତାଲା ପକାଇ ବାରଣ୍ଡାରେ ଶୋଇଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ବାରିପଟ କବାଟ ଭାଙ୍ଗି ଘରେ ଥିବା ଏକ ଆଲମିରାକୁ ବାରିପଟକୁ ଟେକି ନେଇ ସେଥିରେ ଥିବା ନଗଦ ୭୦ ହଜାର ଟଙ୍କା ସମେତ ୪ ତୋଳ ସୁନା ଗହଣା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରି ନେଇଥିଲେ। ତାରିଣୀଙ୍କ ସ୍ତ୍ରୀ ଭୋର ୪ଟାରେ ଘରେ ପଶି ଆଲମିରା ନ ଥିବା ଦେଖି ପରିବାର ଲୋକଙ୍କୁ ଉଠାଇଥିଲେ। ବାରି କବାଟ ଭାଙ୍ଗିଥିବା ସହ ଘରର ପଛପଟ ବିଲ ହିଡ଼ରେ ଆଲମିରା ଭାଙ୍ଗି ପଡ଼ିଥିବା ଦେଖିବାକୁ ପାଇଥିଲେ।


ଦୁର୍ବୃତ୍ତମାନେ ଭାଙ୍ଗି ଚୋରି କରିଥିବା ଆଲମିରା।

ସେହିଭଳି ଉକ୍ତ ଗ୍ରାମର ସୁବାସ ମହାନ୍ତିଙ୍କ କବାଟ ଭାଙ୍ଗି ଲୁଟେରା ଘରେ ପଶିଥିଲେ ମଧ୍ୟ କୌଣସି ଚୋରି କରିପାରି ନାହାନ୍ତି। ଖବର ପାଇ ପାଟପୁର ଆଇଆଇସି ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ଏନେଇ ପାଟପୁର ଥାନାରେ ନଂ.୧୬୯/୧୮ରେ ଏକ ମାମଲା ରୁଜୁ ହୋଇଛି। ସନ୍ଦେହରେ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଥିବା ଜଣାପଡ଼ିଛି। ଗତ ଜୁଲାଇ ୧୪ରେ ଉକ୍ତ ଗ୍ରାମରେ ଥିବା ଇଣ୍ଡିଆନ ବ୍ୟାଙ୍କ ଏଟିଏମର ସଟର ଭାଙ୍ଗି ଲୁଟ ଉଦ୍ୟମ ହୋଇଥିଲା।

## ଦୁର୍ଘଟଣାରେ ଜଣେ ମୃତ

ଶେରଗଡ,୧୪ା୯(ଡି.ଏନ୍.ଏ.)

ଶେରଗଡ ବ୍ଲକ ନଇବନ୍ଧ ଗ୍ରାମ ଛକରେ ଗୁରବାର ସନ୍ଧ୍ୟାରେ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମିହିରିକଣା ଗ୍ରାମର ଅଲେଖ ନାୟକ। ପ୍ରକାଶ ଯେ, ଗୋଠଗାଁର ନଣ୍ଡା ସୁଆସିଆ ବାଇକ(ଓଡି଼୦୭ଏମ୍-୨୩୩୭)ଯୋଗେ ସନ୍ଧ୍ୟାରେ ଗାଁକୁ ଫେରୁଥିବାବେଳେ ନଇବନ୍ଧ ଗ୍ରାମ ଛକରେ ଅଲେଖଙ୍କୁ ଧକ୍କା ଦେଇଥିଲେ। ହିଞ୍ଜିଳି ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶେରଗଡ ଆଇଆଇସି ବିଶ୍ୱରଞ୍ଜନ ନାୟକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୭୯/୨୦୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

## ମିଥ୍ୟା ବିଲ୍ କରି ଟଙ୍କା ଉଠାଣ ଅଭିଯୋଗ

କୁକୁଡ଼ାଖଣ୍ଡି,୧୪ା୯(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ ଜଗଦଳପୁର ପଞ୍ଚାୟତରେ ନଳକୂପ ଚାନ୍ଦିନି ନିର୍ମାଣ ପାଇଁ ମିଥ୍ୟା ବିଲ୍ ହୋଇଥିବା ଅଭିଯୋଗ ହୋଇଛି। ୧୩ନଂ ୱାର୍ଡବାସିନ୍ଦା ବୁଧବାର କୁକୁଡ଼ାଖଣ୍ଡି ବିଡିଓଙ୍କୁ ଡ଼ାକ ଯୋଗେ ଅଭିଯୋଗ ପତ୍ର ପଠାଇଛନ୍ତି। ଏହାର ନକଲ ଗଞ୍ଜାମ ଜିଲାପାଳ, ଉପଜିଲାପାଳ ଏବଂ ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ଡ଼ାକ ଯୋଗେ ପଠାଯାଇଛି। ଅଭିଯୋଗ ଅନୁଯାୟୀ, ୨୦୧୭ ଡିସେମ୍ବରରେ ସେହି ୱାର୍ଡର ଏକ ନଳକୂପ ଚାନ୍ଦିନୀ ସାହିରେ ଚାନ୍ଦା ଆଦାୟ କରି ତିଆରି ହୋଇଥିଲା। ମାତ୍ର ପରେ ଜଗଦଳପୁର ସରପଞ୍ଚ ହାଡୁ ବେହେରା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ମିଳିତ ଭାବେ ସିଏଚ୍ କାଶୀନାଥ ପାତ୍ରଙ୍କ ନାମରେ କାର୍ଯ୍ୟାଦେଶ ଦେଇ ବିଲ୍ କରିଥିଲେ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ସରପଞ୍ଚ ବେହେରା କୁହନ୍ତି, ଜଗଦଳପୁର ପଞ୍ଚାୟତର ଜଣେବ୍ୟକ୍ତି ଏହି ପଞ୍ଚାୟତର କାମ କରି ଆସୁଥିଲେ। ସବୁ କାମ ଅଧପନ୍ତରିଆ ଥିବାରୁ ତାଙ୍କୁ ଆଉ କୌଣସି କାମ ଦେଲି ନାହିଁ। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ସେ ଅଭିଯୋଗ ଆଣୁଛନ୍ତି। ଏହାର ତଦନ୍ତ କରାଯାଉ ବୋଲି ସେ କହିଛନ୍ତି। ଯନ୍ତ୍ରୀ ବିଜୟ ଲକ୍ଷ୍ମୀ ସାହୁଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି ୧୩ନଂ ୱାର୍ଡର ୩ଟି ନଳକୂପ ରହିଛି। ଚାନ୍ଦିନୀ ନିର୍ମାଣ ପାଇଁ ୧୨ ହଜାର ଟଙ୍କା ବିଲ ହୋଇଛି। ମୁଁ ମାପଚୁପ କରୁଥିବାବେଳେ ଅଭିଯୋଗ କରିବା କଥା। ଏନେଇ ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ଚିଠି ପାଇଲେ ପଦକ୍ଷେପ ନେବି ବୋଲି କହିଥିଲେ।

### ଅନ୍ଧବିଶ୍ୱାସର କରୁଣ ପରିଣତି

# ଆରୋଗ୍ୟ କାମନା ପାଇଁ ପୂଜାପାଠ,ପୋଡିଗଲେ ଦିବ୍ୟାଙ୍ଗ


ନିଆଁରେ ଝୁଲି ରହିଥିବା ଦିବ୍ୟାଙ୍ଗ

ବାଲିଗୁଡା,୧୪ା୯(ଡି.ଏନ୍.ଏ.)

ବାଲିଗୁଡ଼ା ଭଗାମୁଣ୍ଡା ସାହିର ଜଣେ ଦିବ୍ୟାଙ୍ଗ ୨ ବର୍ଷହେଲା ନିଜ ଶରୀର ଆରୋଗ୍ୟ କାମନାକରି ସ୍ଥାନୀୟ ମହାମାୟୀ ଠାକୁରାଣୀଙ୍କ ନିକଟରେ ଶରଣ ପଶିଥିଲେ। ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ମନ୍ଦିର କମିଟି କର୍ମକର୍ତ୍ତା ତାଙ୍କୁ ମନ୍ଦିରରେ ରହିବାକୁ ସୁଯୋଗ ଦେଇଥିଲେ। ସେଠାରେ ରହି ସେ ଆରୋଗ୍ୟ ମାନସିକ କରି ପୂଜାବିଧି ମାଧ୍ୟମରେ ଚିକିତ୍ସା ହୋଇଆସୁଥିଲେ। ଗତ ଶନିବାର ମହାମାୟୀ ମନ୍ଦିରରେ ପୂଜା ଚାଲିଥିବା ସମୟରେ ସ୍ୱପ୍ନାଦେଶ ଅନୁଯାୟି ଦିବ୍ୟାଙ୍ଗଙ୍କୁ ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ କରି ବନ୍ଧାଯାଇ ଝୁଣା ନିଆଁ ଧାସ ଦିଆଯାଉଥିଲା। ଏହି ସମୟରେ ସେ ପିନ୍ଧିଥିବା ଲୁଗାରେ ନିଆଁ ଲାଗି ପୋଡି ଯାଇଥିଲେ। ତୁରନ୍ତ ତାଙ୍କୁ ବାହାର କରାଯାଇ ମନ୍ଦିର ପରିସରରେ ରଖି ଘରୋଇ ଚିକିତ୍ସା କରାଯାଇଥିଲା। ଦିବ୍ୟାଙ୍ଗଙ୍କ ବଡ଼ଭାଇ ଘଟଣା ସମ୍ପର୍କରେ ଖବରପାଇ ମନ୍ଦିର ଆଗରେ ଯାଇ ଗାଳିଗୁଲଜ କରିବାପରେ ଘଟଣା ସାମ୍ନାକୁ ଆସିଥିଲା। ଘଟଣା ଘଟିବା ସମୟରେ କିଛି ଦେଖଣାହାରି ଓ ଭକ୍ତ ଏହି ଦୃଶ୍ୟକୁ ନିଜ ମୋବାଇଲରେ ଉତ୍ତୋଳନ କରିଥିଲେ। ଏହି ଭିଡିଓ ଭାଇରାଲ ହେବାପରେ ଏଥିରେ ପୋଲିସ ହସ୍ତକ୍ଷେପ କରିଥିବା ଜଣାପଡ଼ିଛି। ଗୁରୁବାର ରାତିରେ ପୋଲିସ୍ ମନ୍ଦିରରେ ପହଞ୍ଚି ପୋଡ଼ିଯାଇଥିବା ଦିବ୍ୟାଙ୍ଗଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦିବ୍ୟାଙ୍ଗଙ୍କୁ ମହାମାୟୀଙ୍କ ସ୍ୱାପ୍ନାଦେଶ ଥିଲା ଯେ, ସେ ଝୁଣା ନିଆଁରେ ଝୁଲିବା ପାଇଁ। ଏନେଇ ଦିବ୍ୟାଙ୍ଗ ଜଣକ ମନ୍ଦିର ସଭାପତିଙ୍କୁ ଜଣାଇଥିଲେ ବୋଲି କହିଛନ୍ତି। ନିଆଁରେ କେବଳ ଧାସ ବାଜିଛି କିନ୍ତୁ ଦୀପ ଜଳାଯାଇଥିବା ଗରମ ବାଲିରେ ପଡ଼ି ମୋ ଦେହ ପୋଡ଼ିଛି ବୋଲି ଦିବ୍ୟାଙ୍ଗ ଜଣଙ୍କ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେପଟେ ଏକଥାରେ ସହମତି ଜଣାଇଛନ୍ତି ମନ୍ଦିର କମିଟି ସଭାପତି।




